# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
## 23 October – 2025

## ନୂଆପଡ଼ା ଉପନିର୍ବାଚନ

ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଯାଞ୍ଚ ପରେ ୧୪ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଥିବାବେଳେ ୫ ଜଣଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ବିଜେପି ପ୍ରାର୍ଥୀ ଜୟ ଢୋଲକିଆ, କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ, ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ଓ ଓଡ଼ିଶା ଜନତା ପାର୍ଟି ପ୍ରାର୍ଥୀ ଶୁକଧର ଦଣ୍ଡସେନାଙ୍କ ନାମାଙ୍କନପତ୍ର କାଏମ ରହିଛି। ଆସନ୍ତାକାଲି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ନଭେମ୍ବର ୧୧ ତାରିଖରେ ମତଦାନ ଅନୁଷ୍ଠିତ ହୋଇ ୧୪ ତାରିଖରେ ଭୋଟଗଣତି ସହ ଫଳାଫଳ ପ୍ରକାଶ ପାଇବ।

## ସିବିଆଇ ତଦନ୍ତ

ରାଜ୍ୟରେ ପୋଲିସ ସବ୍ ଇନ୍ସପେକ୍ଟର ନିଯୁକ୍ତି ପ୍ରକ୍ରିୟାରେ ହୋଇଥିବା ଅନିୟମିତତାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ସଂସ୍ଥା-ସିବିଆଇ କରିବ । ପୂର୍ବରୁ ଏହାର ତଦନ୍ତ ଭାର କ୍ରାଇମ୍ ବ୍ରାଞ୍ଚ ସି.ଆଇ.ଡି.କୁ ଦିଆଯାଇଥିଲା । ଏଥିରେ ଆନ୍ତଃରାଜ୍ୟ ସଂଗଠିତ ଅପରାଧ ଗୋଷ୍ଠୀର ସମ୍ପୃକ୍ତି ଥିବା ନେଇ ଜଣା ପଡିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦେବା ଲାଗି ନିଷ୍ପତ୍ତି ଗ୍ରହଣ କରିଛନ୍ତି ।

# ଶ୍ରୀଅନ୍ନ ସମ୍ମିଳନୀ

ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ ଆସନ୍ତାମାସ ୧୦ ଓ ୧୧ତାରିଖରେ ଅନୁଷ୍ଠିତ ହେବ । ଏହାର ପ୍ରସ୍ତୁତି ନେଇ ଡକ୍ଟର ଅରବିନ୍ଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନିରୀକ୍ଷଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୁଇଦିନିଆ ଶ୍ରୀଅନ୍ନ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ । ଚଳିତଥର ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି, ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ ଓ କୃଷି ଐତିହ୍ୟରେ ମହିଳାଙ୍କ ଭାଗିଦାରୀ । କାର୍ଯ୍ୟକ୍ରମରେ ମାସ୍କଟ ମିଳି ମୟୂରଭଞ୍ଜର ପ୍ରଖ୍ୟାତ 'ଫୁଟା ଶାଢୀ' ପରିଧାନ କରିବେ ବୋଲି ଜଣାପଡିଛି ।

# ପୋଷଣ ବୈଠକ

ନବରଙ୍ଗପୁର ଜିଲ୍ଲା ମା' ଓ ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ପୋଷଣ ନିମନ୍ତେ ସ୍ୱାସ୍ଥ୍ୟ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ମିଳିତ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସୁବିଧା ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା, ୬ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଜନ୍ମ ପ୍ରମାଣପତ୍ର ପ୍ରଦାନ ଏବଂ କମ୍ ଓଜନର ଶିଶୁଙ୍କୁ ସ୍ୱତନ୍ତ୍ର ଚିକିତ୍ସା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

## ରାଜ୍ୟସ୍ତରୀୟ କଳା ଉତ୍ସବ

ରାଜ୍ୟସ୍ତରୀୟ କଳା ଉତ୍ସବ-୨୦୨୫ ଭୁବନେଶ୍ୱର ୟୁନିଟ୍-୬ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆରମ୍ଭ ହୋଇଛି । ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କଳା କ୍ଷେତ୍ରରେ ଓଡିଶାର ଅବଦାନ ସବୁବେଳେ ଅନନ୍ୟ ବୋଲି କହିଛନ୍ତି । ଏଥିରେ ରାଜ୍ୟର ୬ଟି ଜୋନରୁ ୧୪୦ଜଣ ପିଲା ଯୋଗଦେଇଛନ୍ତି । ଏହି ଉତ୍ସବ ଆଜି ଉଦ୍‌ଯାପିତ ହେବ ।

## ଶିକ୍ଷାଅଧିକାର ଅଧିନିୟମ ସଂଶୋଧନ

ରାଜ୍ୟ ସରକାର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାଅଧିକାର ଅଧିନିୟମ-୨୦୧୦ରେ ସଂଶୋଧନ କରିଛନ୍ତି । ଫଳରେ ପ୍ରତିବର୍ଷ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନେ ବାର୍ଷିକ ପରୀକ୍ଷା ଦେବେ । ପରବର୍ତ୍ତୀ ଶ୍ରେଣୀକୁ ଯିବା ପୂର୍ବରୁ ଶିକ୍ଷାର୍ଥୀ ଯେଭଳି ମୌଳିକ ଶିକ୍ଷାସ୍ତର ହାସଲ କରିପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ପିଲାଙ୍କ ପାଇଁ ବାର୍ଷିକ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି ।

## ସ୍କୁଲକୁ ଫେର ଅଭିଯାନ

ମାଲକାନଗିରିରେ 'ସ୍କୁଲକୁ ଫେର ଅଭିଯାନ'ରେ ୧ହଜାର ୮୯୭ ଜଣ ଛାତ୍ରଛାତ୍ରୀ ପୁଣି ନାମ ଲେଖାଇଛନ୍ତି । ସୂଚନା ଅନୁଯାୟୀ ଜିଲ୍ଲାରେ ୮ହଜାର ୧୧୧ଜଣ ପିଲାଙ୍କ ମଧ୍ୟରୁ ୬ହଜାର ୭୫ଜଣ ପାଠ ଛାଡିଥିବାବେଳେ ୨ହଜାର ୩୬ଜଣ ଆଦୌ ସ୍କୁଲ ଯାଇ ନ ଥିଲେ । ପୁନଃ

ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଶନିବାର ଓ ରବିବାର ଶିକ୍ଷାଦାନ କରାଯିବ ।

## ସାଇବର ସୁରକ୍ଷା ଅଭିଯାନ

କଳାହାଣ୍ଡି ଜିଲ୍ଲା ପୋଲିସ ପକ୍ଷରୁ ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ଅଭିଯାନ-୨୦୨୫ ଆରମ୍ଭ ହୋଇଛି । କଳାହାଣ୍ଡି ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବର କୋଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ମାଳବିକା ଦେବୀ ଯୋଗଦେଇ ସାଇବର ସଚେତନତା ରଥ ଉଦ୍‌ଘାଟନ କରିଛନ୍ତି । ସୂଚନାଯୋଗ୍ୟ ଜିଲ୍ଲାରେ ଦୁଇବର୍ଷ ମଧ୍ୟରେ ୧୪୪ଟି ସାଇବର ଅପରାଧ ଘଟଣା ପଞ୍ଜୀକୃତ ହୋଇଛି । ଅନ୍ୟ ପକ୍ଷରେ କନ୍ଧମାଳ ଜିଲ୍ଲା ପୋଲିସ ପକ୍ଷରୁ ସାଇବର ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଆସନ୍ତା ୧୫ଦିନ ପର୍ଯ୍ୟନ୍ତ ସାଇବର ସଚେତନତା ରଥ ସମସ୍ତ ବ୍ଲକ ଭ୍ରମଣ କରି ଲୋକମାନଙ୍କୁ ସଚେତନ କରିବ ବୋଲି ଜଣାପଡିଛି ।

## ଭ୍ରାତୃ ଦ୍ୱିତୀୟା ପାଳନ

କାର୍ତ୍ତିକ ମାସର ଆଜି ଶୁକ୍ଲପକ୍ଷ ଦ୍ୱିତୀୟା ତିଥି ଅବସରରେ ଶ୍ରୀକ୍ଷେତ୍ର ପୁରୀରେ ଯମ ଦ୍ୱିତୀୟା ବା ଭ୍ରାତୃ ଦ୍ୱିତୀୟା ପାଳନ କରାଯିବ । ଭଉଣୀମାନେ ଯମଙ୍କ ପାଖରେ ଭାଇ ମାନଙ୍କ ମଙ୍ଗଳ କାମନା କରି ଏହିଦିନ ଆଶୀର୍ବାଦ କାମନା କରିଥାନ୍ତି । ମାନ୍ୟତା ଅନୁଯାୟୀ ଯମ ଦେବତାଙ୍କ ପୂଜା ପରେ ଯମୁନାଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ ।

# କାଳିପୂଜା

ଭଦ୍ରକ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ସାତଦିନ ଧରି ଚାଲିଥିବା କାଳୀପୂଜା ଉତ୍ସବରେ ଆଜି ଚତୁର୍ଥ ଦିନରେ ମା' ଭଦ୍ରକାଳୀ ସିଂହବାହିନୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ କରିଛନ୍ତି । ଜିଲ୍ଲାର ବିଭିନ୍ନ ଶକ୍ତିପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଚାଲିଛି ।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ମାଲକାନଗିରି ଜିଲ୍ଲା ବାଲିମେଳା ଏନ.ଏ.ସି. ସ୍ଥିତ ଟାଉନ ହଲ୍‌ଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବିଶେଷଜ୍ଞ ଡାକ୍ତରମାନେ ୯୫ଜଣ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଜିଲ୍ଲା ଓ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଲୋକମାନଙ୍କୁ ସଚେତନ କରିଥିଲେ ।

# କ୍ରିକେଟ

ରାଜ୍ୟ କ୍ରିକେଟ ସଂଘ ଆନୁକୂଲ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଆନ୍ତଃ ଜିଲ୍ଲା ୫୦ଓଭର ବିଶିଷ୍ଟ କ୍ରିକେଟ୍ ଲିଗ୍ ମ୍ୟାଚ ନିମନ୍ତେ ନବରଙ୍ଗପୁରର ୧୫ଜଣିଆ ଦଳ ଭାଗ ନେବ । ଏହି ମ୍ୟାଚରେ ଦଳ ସମ୍ବଲପୁର, ନୟାଗଡ, ମୟୂରଭଞ୍ଜ, ପୁରୀ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ସହ ଲିଗ୍ ମ୍ୟାଚ ଖେଳିବ ।